# Akashvani, Sambalpur

## SAMBALPURI NEWS EVENING BULLETIN

**21 September 2025- 7.02 pm- 7.12 pm.**

*********************************************

୧- ନବରାତ୍ର ଆଘୋନୁ ଦେଶ୍‌କେ ସମ୍ବୋଧନ୍ କଲେ ପ୍ରଧାନ୍‌ମନ୍ତ୍ରୀ ।

- ଆଏବା କାଏଲ୍‌ଠାନୁ ଦେଶେ ଲାଗୁ ହେବା ଆଏବା ପିଢ଼ି ଜିଏସ୍‌ଟି ସଂସ୍କାର୍ ।

୨- ସେବା ପର୍ବ ଅବ୍‌ସରେ ନିଶାମୁକ୍ତ ଭାରତ୍ ଅଭିଯାନ୍- ଯୁଆନ୍ ବର୍ଗଙ୍କୁ ରାଷ୍ଟ୍ର ଗଢ଼୍‌ବାର୍ ଦିଗେ ପ୍ରେରଣା ଦେବା କହେଲେ ମୁଖ୍ୟମନ୍ତ୍ରୀ ।

- ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ହେଇଛେ ଗଣଦୌଡ଼ କାର୍ଯ୍ୟକ୍ରମ୍ ।

ଆଉର୍

୩- ପବିତ୍ର ମହାଳୟା ଅବ୍‌ସରେ ଧବଳମୁଖୀ ବେଶଥି ଦର୍ଶନ୍ ଦେଉଛନ୍ ମା ସମଲେଇ ।

ପ୍ରଧାନ୍‌ମନ୍ତ୍ରୀ- ଜିଏସ୍‌ଟି          ପିଏମ୍‌ଓ

ଦେଶେ ଆଏବା କାଏଲ୍ ଠାନୁ 'ଆଏବା ପିଢୀ ଜିଏସ୍‌ଟି ସଂସ୍କାର' - ନୂଆ ଜିଏସ୍‌ଟି ସ୍ଲାବ୍ ଲାଗୁ ହେବା ବଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘୋଷଣା କରିଛନ୍ । ଦେଶ୍‌କେ ସମ୍ବୋଧନ୍ କରି କରି ପ୍ରଧାନମନ୍ତ୍ରୀ କହିଛନ୍ ଯେ, ଆଏବା କାଏଲ୍‌ଠାନୁ ନବରାତ୍ର ମୂଲ୍ ହେଉଛେ । ନବରାତ୍ରର ପହେଲା ଦିନୁ ଦେଶ ଆତ୍ମନିର୍ଭର ଭାରତ ଅଭିଯାନ ଅଭିମୁଖେ ଆଉ ଗୋଟେ ବଡ୍ ପଦକ୍ଷେପ୍ ନେବାର୍‌କେ ଯାଉଛେ । ଆଏବା କାଏଲ୍ ଠାନୁ ଦେଶେ ଜିଏସ୍‌ଟି ବଂଚାଅ ଉତ୍ସବ ମୁଲ୍ ହେବାର୍‌କେ ଯାଉଛେ । ଇ ଉତ୍ସବ୍‌ଥି ଲୁକ୍‌କର୍ ସଂଚୟ ବଢ୍‌ବାର୍ ସହେତେ ଲୋକ୍‌ମାନେ ନିଜର୍ ପସନ୍ଦ୍‌ର ଦରବ୍‌କେ ଆହୁରି ଭଲ୍ ଭାବେ ଘିନିପାର୍‌ବେ । ଦେଶର ଗରିବ, ମଧ୍ୟବିତ୍, ନୂଆ ମଧ୍ୟବିତ୍, ଯୁଆନ୍ ପିଢୀ, ଚାଷୀ, ମହିଳା, ବ୍ୟବସାୟୀ, ଉଦ୍ୟମୀ ବର୍ଗର ସାଙ୍ଗେ ସବୁ ବର୍ଗର ଲୁକ୍‌ମାନ୍‌କୁ ଇ ଜିଏସ୍‌ଟି ସଂସ୍କାରଥି ଲାଭ୍ ମିଲ୍‌ବା । ଇତାର୍ ସହେତେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଦେଶର ସବୁ ବର୍ଗର ଲୁକ୍‌କୁ ଶୁଭେଚ୍ଛା ଜନେଇ କରି କହିଛନ୍ ଯେ,

(ଭଏସ୍ ଓଭର)

ପ୍ରଧାନମନ୍ତ୍ରୀ କହିଛନ୍, ୨୦୧୭ ମସିହାଥି ଭାରତ୍ ଜିଏସ୍‌ଟି ସଂସ୍କାର ଲାଗି ପହେଲା ପଦକ୍ଷେପ୍ ନେଇ କରି ଗୁଟେ ପୁର୍‌ନା

ଇତିହାସ୍ ବଦ୍‌ଲାବାର୍ ସହେତେ ନୂଆ ଇତିହାସର ମୂଲ୍ କରିଥିଲା ।

ଦେଶର ସାଧାରଣ ଲୋକ୍, ବ୍ୟବସାୟୀମାନେ ପ୍ରବେଶ ଟେକ୍ସ, ସେଲ୍ ଟେକ୍ସ, ସଭିସ୍ ଟେକ୍ସ ବାଗିର୍ ଭିନ୍ ଭିନ୍ ଟେକ୍ସଥି ଫସି ରହିଥିଲେ । ସବୁ ଜାଗାନେ ଟେକ୍ସର ଅଲ୍‌ଗା ଅଲ୍‌ଗା ନିୟମ ଥିଲା । ଏନ୍ତାକି ଦର୍‌ବକେ ଗୁଟେ ଜାଗାନୁ ଆଉଗୁଟେ ଜାଗା ନେବାର୍ ଲାଗି ବହୁତ୍‌ଟେ ଖର୍ଚ୍ଚା ହେଉଥିଲା । ପ୍ରଧାନମନ୍ତ୍ରୀ କହିଛନ୍,

(ଭଏସ୍ ଓଭର୍)

ପ୍ରଧାନମନ୍ତ୍ରୀ ଆହୁରି କହିଛନ୍, ଗଲା ୧୨ ବଛର୍ ଭିତ୍‌ରେ ଦେଶେ ୨୫ କୋଟି ଲୋକ୍ ଗରିବ ସୀମାରେଖାନୁ ବାହାର୍‌କେ ଆସିଛନ୍ । ସେନ୍ତା ସରକାର୍ 'ନାଗରିକ ଦେବ ଭବ' ମନ୍ତ୍ର ନେଇ କରି ଆଗ୍‌କେ ବଢୁଛନ୍ । ଇତାର୍‌ସହେତେ ଭଲ୍ ଦରବ୍ କି ଜିନିଷ୍ ତିଆର୍ କରି କରି ଦେଶ୍‌କେ ଗର୍ବିତ କର୍‌ବାର୍‌କେ ପ୍ରଧାନମନ୍ତ୍ରୀ ଉଦ୍ୟୋଗୀମାନ୍‌କୁ ପରାମର୍ଶ ଦେଇଛନ୍ ।

ଇନ ଜନେଇ ଦିଆଯାଇପାରେ ଯେ, ଆଘୋନୁ ଥିବା ୪ଟା ଟେସ୍କ ସ୍ଲାବ୍‌କେ ହଟେଇ କରି ଆଏବା ପୀଢି ଜିଏସ୍‌ଟି ସଂସ୍କାର୍‌କେ ୨ଟା ସ୍ଲାବ୍‌ଥି ରଖାଯାଇଛେ ।

ଗଣଦୌଡ଼ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଭାରତ୍‌କେ ନିଶାମୁକ୍ତ କର୍‌ବାର୍ ଲାଗି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନିଶାମୁକ୍ତ ଭାରତ୍ ଅଭିଯାନ୍ 'ନୂଆଁ ସଂକଳ୍ପ' ଯୁଆନ୍ ବର୍ଗଙ୍କୁ ରାଷ୍ଟ୍ର ଗଠନ୍ ଦିଗେ ପ୍ରେରଣା ଦେବା ଆଉ ଦେଶର୍ ଯୁଆନ୍ ବର୍ଗ ହିଁ ପ୍ରଧାନ୍‌ମନ୍ତ୍ରୀଙ୍କର୍ ସଂକଳ୍ପକେ ପୁରା କର୍‌ବେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ପ୍ରଧାନ୍‌ମନ୍ତ୍ରୀଙ୍କର୍ ଜନମ୍‌ଦିନ୍ ଅବ୍‌ସରେ ସାରା ଦେଶେ ଚାଲିଥିବା ସେବା ପର୍ବଥି ନିଶାମୁକ୍ତ ଭାରତ୍ ଅଭିଯାନ୍ ନ ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ଠାନେ ହେଇଥିବା ଗଣଦୌଡ଼ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ଇଟା କହିଛନ୍ ।

ଇ କାର୍ଯ୍ୟକ୍ରମ୍‌କେ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ୍ କର୍‌ବାର୍ ସହେତେ ଗଣଦୌଡ଼ଥି ସାମିଲ୍ ହେଇଥିଲେ । କଳିଙ୍ଗ ଷ୍ଟାଡ଼ିୟମ୍ ଠାନୁ ଜନତା ମଇଦାନ୍ ତକ୍ ହେଇଥିବା ମାରାଥନ୍‌ଥି ମୁଖ୍ୟମନ୍ତ୍ରୀ ନିଜେ ସବୁ ଛାତ୍ରଛାତ୍ରୀ, ଖେଲାଲୀ, ଯୁଆନ୍ ପିଢ଼ିଙ୍କର୍ ସହେତେ ସାମିଲ୍ ହେଇକରି ନିଶାମୁକ୍ତ ଭାରତ୍‌ର ସଚେତନତା ବାର୍ତା ଦେଇଥିଲେ ।

ମୁଖ୍ୟମନ୍ତ୍ରୀ- ନୂଆପଡ଼ା ନୂଆପଡ଼ା ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଦିନ୍‌କିଆ ନୂଆପଡ଼ା ଜିଲ୍ଲାଗସ୍ତଥି ଆସିକରି ଆଘର୍ ବିଧାୟକ୍ ସ୍ୱର୍ଗତ ରାଜେନ୍ଦ୍ର ଢୋଲ୍‌କିଆଙ୍କର୍ ଶ୍ରଦ୍ଧାଞ୍ଜଳି ସଭାଥି ଯୋଗ୍ ଦେଇଛନ୍ । ୨୦୦୪ ମସିହାନୁ ୪ ଥର୍ ବିଧାୟକ୍ ହେଇଥିବା ଲୋକପ୍ରିୟ

ନେତା ମନ୍ତ୍ରୀ ପଦ୍ ନ ରହିକରି ନୂଆପଡ଼ା ଆଉ ସାରା ରାଜ୍ୟର୍ ବିକାଶ୍ ଆଉ ପରିବର୍ତନ୍‌ଥି ଖାସ୍ ଯୋଗ୍‌ଦାନ୍ ଦେଇଥିଲେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଧାୟକଙ୍କର୍ ପତ୍ନୀ ଆଉ ପୁଓଙ୍କୁ ଭେଟିକରି ସମବେଦନା ଜନେଇଛନ୍ । ଗସ୍ତ ସମିଆଥି ମୁଖ୍ୟମନ୍ତ୍ରୀ ଜନସାଧାରଣ୍‌ଙ୍କର୍ ଅଭିଯୋଗ୍ ଗ୍ରହଣ୍ କରିଛନ୍ । ଗଣମାଧ୍ୟମ୍‌ଥି ସୂଚ୍‌ନା ଦେଇକରି ମୁଖ୍ୟମନ୍ତ୍ରୀ କହିଛନ୍, ନୂଆପଡ଼ା ଜିଲ୍ଲା ଭୁବ୍‌ନେଶ୍ୱର୍‌ନୁ ବହୁତ୍ ଦୂରେ ଥିଲେ ଭିଲ୍ ମୁଖ୍ୟମନ୍ତ୍ରୀଙ୍କର୍ ନଜର୍‌ଥି ରହିଛେ ଆଉ ଜିଲ୍ଲାକେ ବାର୍‌ବାର୍ ଆସିକରି ତାର୍ ସର୍ବାଙ୍ଗୀନ ଉନ୍ନତି ଲାଗି ସେ ଚେରେଷ୍ଟା କର୍‌ବେ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀଦଳୀୟ କର୍ମକର୍ତାଙ୍କର୍ ସହେତେ ଭିନ୍ ଭିନ୍ ବିକାଶ୍‌ମୂଳକ୍ କାମ୍‌ର ଅଗ୍ରଗତି ବାବ୍‌ଦେ ଆଲୋଚନା କରିଛନ୍ ।

ମୁଖ୍ୟମନ୍ତ୍ରୀ-ଅଭିଯୋଗ୍ ଶୁଣାଣି ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା କାଏଲ୍ ଭୁବନେଶ୍ୱର୍ ଠାନେ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ବିଧାନ୍‌ସଭାର୍ ମୌସୁମୀ ଅଧିବେଶନ୍ ଚାଲିଥିବାର୍‌ନୁ ଶୁଣାଣିକେ ବନ୍ଦ୍ ରଖାଯାଇଛେ । ଆଏବା ଶୁଣାଣି ତାରିଖ୍ ଗଣମାଧ୍ୟମ୍ ଜରିଏ ଜନେଇ ଦିଆଯିବା ବଲି ସାଧାରଣ୍ ପ୍ରଶାସନ୍ ଆଉ

ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍ଫୁ ସୂଚ୍ନା ଦିଆଯାଇଛେ ।

ମହାଳୟା ଆର୍‌ଏନ୍‌ୟୁ/ ସମ୍ବଲପୁର/ସୁବର୍ଣ୍ଣପୁର୍

ମହାଳୟା ଅବ୍‌ସରେ ଆଏଜ୍ ପିତୃପୁରୁଷମାନ୍‌କର୍ ଉଦ୍ଦେଶ୍ୟ୍ ତିଳତର୍ପଣ ଆଉ ପିଣ୍ଡଦାନ୍ କରାଯାଉଛେ । ଦଶ୍‌ରା ମାସର୍ ପ୍ରତିପଦା ନୁ ମୁଲ୍ ହେଇଥିବା ପିତୃପକ୍ଷ ଆଏଜ୍ ଶେଷ୍ ହେଇଛେ ।

ସମ୍ବଲ୍‌ପୁର୍‌ର ଅଧିଷ୍ଠାତ୍ରୀ ଦେବୀ ମା ସମଲେଶ୍ୱରୀ ଆଏଜ୍ ଧବଲ୍‌ମୁଖୀ ବେଶଥି ଶ୍ରଦ୍ଧାଳୁମାନ୍‌କୁ ଦର୍ଶନ୍ ଦେଉଛନ୍ । ବଛର୍‌ଯାକର୍ ସିନ୍ଦୁର୍‌ମୁହିଁ ବେଶଥି ଦର୍ଶନ୍ ଦେଉଥିବା ମା ସମଲେଇ ଆଏଜ୍ ମହାଳୟା ତିଥି ନ ଧୁବ୍‌ଲା ରଙ୍ଗେ ଦର୍ଶନ୍ ଦେସନ୍ । ଇତାକେ ଗଙ୍ଗାଦର୍ଶନ ବେଶ ଆଉ ମା ସରସ୍ୱତୀଙ୍କର୍ ବେଶ ବଲି ଭିଲ୍ କୁହାଯାଏସି । ମା ସମଲେଇ ଇ ବେଶଥି ଅଢ଼େଇ ଦିନ୍‌ତକ୍ ଭକ୍ତମାନ୍‌କୁ ଦର୍ଶନ୍ ଦେବେ ।

ସେନ୍ତା ସୁବର୍ଣ୍ଣପୁର୍‌ର ଅଧିଷ୍ଠାତ୍ରୀ ଦେବୀ ମା ସୁରେଶ୍ୱରୀଙ୍କର୍ ଧବଳମୁଖୀ ବେଶ ଆଏଜ୍ ହେଇଛେ । ସୁବର୍ଣ୍ଣପୁର୍‌ର ସୋମବଂଶୀ ରାଜୁତି ସମିଆନୁ ଦଶ୍‌ରା ମାସର୍ ଉଆଁସ୍ ମହାଳୟା ତିଥି ନ ଦେବୀ ସୁରେଶ୍ୱରୀଙ୍କୁ କର୍ପୁର ମିଶା ଧୋବ୍ ଶଙ୍ଖ ଭସ୍ମଥି ଶାକମ୍ବରୀ ଧବଳମୁଖୀ ବେଶ କରାଯାଇକରି ନୈବେଦ୍ୟ ପୂଜାର୍ଚ୍ଚନା କରାଯାଉଛେ । ସେଆଡ଼େ ମହାଳୟା ତିଥି ଅବ୍‌ସରେ

ଜିଲ୍ଲାର୍ ତ୍ରିବେଣୀ ସଂଗମ୍, ସ୍ୱର୍ଣ୍ଣପ୍ରୟାଗ୍ ଘାଟ୍ ଆଉ ବିନ୍‌କା ମହାନଦୀ ପାପକ୍ଷୟ ଘାଟ୍ ନ ପିତୃପୁରୁଷଙ୍କୁ ପିଣ୍ଡଦାନ୍ କରିଛନ୍ ।

ପିଣ୍ଡଦାନ୍ ଲାଗି ଶ୍ରୀକ୍ଷେତ୍ର ପୁରୀ ନ ଆଏଜ୍ ଜବର୍ ଭିଡ୍ ହେଇଛେ । ପିତୃପୁରୁଷ ମାନ୍‌କର୍ ମୋକ୍ଷ ପ୍ରାପ୍ତି ଆଉ ନିଜର୍ ପରିବାର୍‌ର କଲ୍ୟାଣ୍ ଲାଗି ପିଣ୍ଡଦାନ୍ ପରମ୍ପରା ବହୁତ୍ ପୁର୍‌ନା ଆଏ ।

ମହାଳୟା-ତିଳତର୍ପଣ ବର୍‌ଗଡ୍/ବୌଦ୍ଧ/କଳାହାଣ୍ଡି

ପବିତ୍ର ମହାଳୟା ଅବ୍‌ସରେ ବର୍‌ଗଡ୍ ଜିଲ୍ଲା କଳାପାଣି ପଂଚାୟତ୍‌ର ବୁଦେଲ୍‌ପାଲି ଗାଁ ନ ଅଭିନବ ତର୍ପଣ କାର୍ଯ୍ୟକ୍ରମ୍ ହେଇଯାଇଛେ । ଇ ଅବ୍‌ସରେ ଗାଁର୍ ମହିଳାମାନେ ଗାଁର୍ ବନ୍ଧ୍ ଖଁଡ଼ି ନଡ଼ିଆ ଚାରା ଲଗେଇଛନ୍ ।

ବୌଦ୍ଧ ଜିଲ୍ଲା ଗଙ୍ଗାଧର୍ ମେହେର୍ ସ୍ୱେଚ୍ଛାସେବୀ ସମିତି ତର୍‌ଫୁ ମହାନଦୀର୍ ଆଲ୍‌ତୀ ଘାଟ୍ ଠାନେ ସମୂହ ତିଳତର୍ପଣ କରାଯାଇଛେ ।

କଳାହାଣ୍ଡି ଜିଲ୍ଲା ବ୍ରାହ୍ମଣ୍ ସମାଜ୍ ତର୍‌ଫୁ ପବିତ୍ର ମହାଳୟା ଅବ୍‌ସରେ ଭବାନୀପାଟ୍‌ନା ଜଳେଶ୍ୱର୍ ମନ୍ଦିର୍ ପାଖେ ପିପଲ୍ ନାଲା ନ ସାମୂହିକ୍ ତିଳତର୍ପଣ କାର୍ଯ୍ୟକ୍ରମ୍ ହେଇଯାଇଛେ ।

ସେବା ପର୍ବ-ୟୁପିଆଇ ଏନ୍‌ଏସ୍‌ଡି/ଆର୍‌ଏନ୍‌ୟୁ/ ସମ୍ବଲପୁର

(ସେବା ପର୍ବ ଏସ୍.ଟି)

କେନ୍ଦ୍ର ସର୍କାର୍ 'ସେବା ଆଉ ସୁଶାସନ୍' ଆର୍ 'ଜନସେବା ଆଉ ସୁଶାସନ୍' ମନ୍ତ୍ରଥି ପରିଚାଲିତ୍ ହେଇକରି ସାଧାରଣ୍ ଲୁକ୍କର୍ କଲ୍ୟାଣ୍ ଲାଗି ଭିନ୍ ଭିନ୍ ପଦକ୍ଷେପ୍ ନେଉଛନ୍। ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱଥି ସର୍କାର୍ ପରିବର୍ତନ୍ ଆଉ ପ୍ରଗତିର୍ ଶାସନ୍ ବ୍ୟବସ୍ଥା ଆନ୍‌ବାର୍ ଲାଗି ସବୁବେଲେ ଚେରେଷ୍ଟା କରୁଛନ୍। ଆମର୍ ଖାସ୍ ଧାରାବାହିକ୍ ସେବା ପର୍ବଥି ଆଏଜ୍ ଜାନ୍‌ମା କେନ୍ଦ୍ର ସର୍କାର୍ ଡିଜିଟାଲ୍ ପେମେଂଟ୍‌କେ ସମ୍‌କର୍ ଲାଗି ସହଜ୍, ସୁରକ୍ଷିତ୍ ଆଉ ସୁଲଭ କର୍‌ବାର୍ ଲାଗି ୟୁପିଆଇ କ୍ଷେତ୍ରଥି ଆନିଥିବା ବିପ୍ଲବ୍ ବାବ୍‌ଦେ....

(ଭଏସ୍ ଓଭର୍- ତେଜଶ୍ରୀ ମିଶ୍ର)

*ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱଥି ଭାରତ୍ ପ୍ରଯୁକ୍ତି ବିଦ୍ୟାଥି ପରିଚାଲିତ୍ ହେଇକରି ଗୁଟେ ବଡ଼୍ ପରିବର୍ତନ୍ ଦେଖୁଛେ। ୨୦୧୬ ମସିହାଥି ଭାରତୀୟ ଜାତୀୟ ପେମେଂଟ୍ ନିଗମ୍ ତରଫୁ ମୁଲ୍ ହେଇଥିବା ୟୁପିଆଇ ବହୁତ୍‌ଟେ ବେଙ୍କ୍ ଏକାଉଂଟ୍‌କେ ଗୁଟେ ମୋବାଇଲ୍ ଆପ୍ଲିକେସନ୍‌ଥି ଜୁଡ଼ିକରି ଦେଶର୍ ଆର୍ଥିକ୍ କାର୍‌ବାର୍‌କେ ମଜ୍‌ବୁତ୍ କରିଛେ। ଇ ବ୍ୟବସ୍ଥା ଟଙ୍କା କାର୍‌ବାର୍ ଆଉ ବାଣିଜ୍ୟ କ୍ଷେତ୍ରକେ ସହଜ୍ ଆଉ ସରଲ୍ କରିଦେଇଛେ। ଇ ବଛର୍ ସ୍ୱାଧୀନତା ଦିବସ୍ ଅଭିଭାଷଣଥି*

ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ୟୁପିଆଇ ବାବ୍‌ଦେ ସୂଚ୍‌ନା ଦେଇକରି କହିଥିଲେ ।

(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ)

ଇ ବଛର୍ ଅଗଷ୍ଟ ମାସେ ୟୁପିଆଇ କାର୍‌ବାର୍ ୨୦ ବିଲିୟନ୍ ପାର୍ କରିଛେ । ଦେଶର୍ ଡିଜିଟାଲ୍ କାର୍‌ବାର୍ ବିପ୍ଳବ୍ ଇହାଦେ ଅନ୍ତର୍ଜାତୀୟ ସ୍ତର୍‌ଥି ସ୍ୱିକୃତୀ ପାଇଛେ । ସିଙ୍ଗାପୁର୍, ଭୁଟାନ୍, ନେପାଲ୍, ଶ୍ରୀଲଙ୍କା ବାଗିର୍ ଦେଶେ ୟୁପିଆଇ କାର୍ଯ୍ୟକ୍ଷମ୍ ହେଉଛେ । ବ୍ୟକ୍ତି ଆଉ ବ୍ୟବସାୟ ଦୁହିଥିର୍ ଲାଗି ଗୁଟେ ସହଜ୍, ସୁରକ୍ଷିତ୍ ପ୍ଲାଟ୍‌ଫର୍ମ ଦେବାର୍‌ଥି ୟୁପିଆଇ ଆର୍ଥିକ୍ ଅନ୍ତର୍ଭୁକ୍ତିକେ ଡହଁକାବାର୍ ସହେତେ ନଗଦ ବିହିନ ଅର୍ଥନୀତି ଆଡ଼୍‌କେ ଦେଶର୍ ପରିବର୍ତ୍ତନ୍‌କେ ଡହଁକାବାର୍‌ଥି ବଡ଼ ଭୂମିକା ନେଉଛେ । ଆକାଶ୍‌ବାଣୀ ସମ୍ବଲପୁର ସମ୍ବାଦ ବିଭାଗ୍ ତର୍‌ଫୁ ତେଜଶ୍ରୀ ମିଶ୍ର ।

(ସେବା ପର୍ବ ଏସ୍.ଟି)

ସେବାପର୍ବ- ଜିଲ୍ଲା          ବଲାଙ୍ଗିର/ବୌଦ୍ଧ/ ଦେବ୍‌ଗଡ଼୍

ସେବା ପର୍ବ ୨୦୨୫ ପାଲନ୍ ଅବ୍‌ସରେ ବଲାଙ୍ଗିର୍ ଜିଲ୍ଲା ଲୋଇସିଂହା ଠାନେ ନମୋ ୟୁବା ଗଣଦୌଡ଼ ହେଇଯାଇଛେ । ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଯୋଗ୍ ଦେଇକରି ଦେଶେ ସ୍ୱଚ୍ଛତା ଆଉ ସ୍ୱଚ୍ଛ ବାତାବରଣ୍ ବନାବାର୍ ଦିଗେ ୟୁଆନ୍ ପିଢ଼ିକେ

ଯୁଡ୍‌ବାର୍ କାର୍ଯ୍ୟକ୍ରମ୍‌ର ଆୟୋଜନ୍ କରାଯାଇଛେ ବଲି କହିଛନ୍ ।

ବୌଦ୍ଧ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଯୁବକ୍ରୀଡ଼ା ବିଭାଗ୍ ଆଡୁ ଗୁଟେ ଜିଲ୍ଲାସ୍ତରୀୟ ମାରାଥନ୍ ଗଣଦୌଡ଼ ହେଇଯାଇଛେ । ଇଥି ରିଜର୍ଭ ପୁଲିସ୍ ଆଉ ଭିନ୍ ଭିନ୍ ମହାବିଦ୍ୟାଲୟର୍ ଛାତ୍ରଛାତ୍ରୀ ଭାଗ୍ ନେଇଥିଲେ ।

ଦେବ୍‌ଗଡ଼୍ ଜିଲ୍ଲା ନ ଜିଲ୍ଲା ପ୍ରଶାସନ୍ , କ୍ରୀଡ଼ା ଆଉ ଯୁବସେବା ବିଭାଗ୍ ତର୍‌ଫୁ ନିଶା ନିବାରଣ୍ ସଚେତନତା ଲାଗି ଗଣଦୌଡ଼ ହେଇଯାଇଛେ । ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁ ପତ୍‌କା ଦେଖେଇକରି ମାରାଥନ୍ ଦୌଡ଼ର୍ ଶୁଭାରମ୍ଭ କରିଥିଲେ ।
ବର୍‌ଗଡ଼୍ ଜିଲ୍ଲା ପ୍ରଶାସନ୍ ଆଉ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ନମୋ ଯୁବା ରନ୍ ଗଣଦୌଡ଼ ହେଇଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଭିନ୍ ଭିନ୍ ଜାଗା ନ ବର୍ଷା ସହେତେ ଧୁକାଗର୍ଜି ଜାରି ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ ପଶ୍ଚିମ ଓଡ଼ିଶାର୍ ସମ୍ବଲ୍‌ପୁର୍, ବଲାଙ୍ଗିର୍, ଦେବ୍‌ଗଡ଼୍, କଲାହାଣ୍ଡିର୍ ଭିନ୍ ଭିନ୍ ଜାଗା ନ ବିଜ୍‌ଲି ମାରିକରି ଜବର୍ ବର୍ଷା ହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।